ସେବା ରାମ୍ ଏବଂ ଅନ୍ୟମାନେ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

1,ଏପ୍ରିଲ 1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

ଶତ୍ରୁ ସମ୍ପତ୍ତି ଅଧିନିୟମ 1968:

*ଏମ୍ 1947 ପୂର୍ବରୁ ପାକିସ୍ତାନକୁ ସ୍ଥାନାନ୍ତରିତ ହୋଇଥିଲେ ଏବଂ ପାକିସ୍ତାନର ନାଗରିକ ହୋଇଥିଲେ- ତାଙ୍କ ମା ଭାରତରେ ରହିଥିଲେ-ତାଙ୍କ ମା 'ଙ୍କ ମୃତ୍ୟୁ ପରେ ସେ ଭାରତ ଆସିଥିଲେ ଏବଂ ଭୂମିଦାରୀ ଅଧିକାର ହାସଲ କରିଥିଲେ-ଆବେଦନକାରୀଙ୍କୁ ଜମି ବିକ୍ରି କରାଯାଇଥିଲା-ପ୍ରତିବାଦୀମାନେ ସମ୍ପତ୍ତି ସମ୍ବନ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ-ଆବେଦନକାରୀମାନେ ଉତ୍ତରଦାତାମାନଙ୍କୁ ସମ୍ପତ୍ତି ଦଖଲରୁ ରୋକିବା ପାଇଁ ନିଷିଦ୍ଧାଦେଶ ଜାରି କରିବାକୁ ଏକ ମକଦ୍ଦମା ଦାୟର କରିଥିଲେ-ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପୁନଃନିରୀକ୍ଷଣ ଆବେଦନ ଖାରଜ ହୋଇଥିଲା-ଅପିଲ-ନିର୍ଣ୍ଣିତ ଯେ ଏପରି ସ୍ଥିତିରେ ଏମ୍ ଙ୍କର ସମ୍ପତ୍ତିରେ କୌଣସି ଅଧିକାର କିମ୍ବା ସ୍ୱାର୍ଥ ନଥିଲା-ତଦନୁସାରେ ଆବେଦନକାରୀ ଏମ୍ ଠାରୁ କୌଣସି ସ୍ୱତ୍ୱ ଦଲିଲ ହାସଲ କରିପାରିନଥିଲେ ।*

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 2746/1980 ।

ସି. ଆର୍. ସଂଖ୍ୟା 84/1978 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର31.7.79 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏ. ବି. ରୋହତଗୀ ଏବଂ ଆମ୍ବରୀଶ କୁମାର ।

ଉତ୍ତରଦାତାଙ୍କ ପାଇଁ ଏ. କେ. ଶ୍ରୀବାସ୍ତବ (ଏନ. ପି.) ।

ନ୍ୟାୟାଳଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଦେୱାନୀ ପୁନଃନିରୀକ୍ଷଣ ସଂଖ୍ୟା 84/1978 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟଳୟଙ୍କର 31.7.1979 ତାରିଖର ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ସେବା ରାମ୍ ବନାମ ଭାରତ ସଂଘ

ସ୍ୱୀକୃତ ସ୍ଥିତି ହେଉଛି ମହମ୍ମଦ ମର୍ଘୁବ୍ ସିଦ୍ଦିକି 1947 ଅଗଷ୍ଟ 14 ପୂର୍ବରୁ ପାକିସ୍ତାନ ଚାଲିଯାଇଥିଲେ ଏବଂ ପାକିସ୍ତାନର ନାଗରିକ ହୋଇଥିଲେ । ଭାରତରେ ରହୁଥିବା ତାଙ୍କ ମା କବୁଲ ଫାତିମା 1965 ମସିହା ଅଗଷ୍ଟ 7 ତାରିଖରେ ମୃତ୍ୟୁବରଣ କରିଥିଲେ । ପରବର୍ତ୍ତୀ ସମୟରେ, ସେ ଭାରତ ଆସିଥିଲେ ଏବଂ ତାଙ୍କ ମା 'ଙ୍କ ଭୂମିଦାରୀ ଅଧିକାର ହାସଲ କରି ଆବେଦନକାରୀଙ୍କୁ ସମ୍ପତ୍ତି ବିକ୍ରି କରିଥିବା ପ୍ରତୀୟମାନ ହୁଏ । ପ୍ରତିବାଦୀମାନେ ଏହି ଆଧାରରେ ସମ୍ପତ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ ଯେ ମହମ୍ମଦ ମର୍ଘୁବ୍ ସିଦ୍ଦିକି ଜଣେ ଶତ୍ରୁ ଥିଲେ ଏବଂ ସେଥିପାଇଁ, ଶତ୍ରୁ ସମ୍ପତ୍ତି ଅଧିନିୟମ 1968 (ଅଧିନିୟମ 34/1968) ଲାଗୁ ହୋଇଥିଲା । ଆବେଦନକାରୀମାନେ ସମ୍ପତ୍ତିର ମାଲିକାନା ଦାବି କରିଥିଲେ । ପରବର୍ତ୍ତୀ ସମୟରେ, ଆବେଦନକାରୀମାନେ, ପ୍ରତିବାଦୀମାନଙ୍କୁ ସମ୍ପତ୍ତି ଦଖଲରୁ ରୋକିବାକୁ ନିଷିଦ୍ଧାଦେଶ ଜାରି କରିବା ପାଇଁ ଏକ ମକଦ୍ଦମା ଦାୟର କରିଥିଲେ । ଶେଷରେ ସେମାନେ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ପୁନଃନିରୀକ୍ଷଣ ମାମଲାରେ କରିବାରେ ବିଫଳ ହୋଇଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହା ଆବେଦନ ।

ଏକମାତ୍ର ପ୍ରଶ୍ନ ହେଉଛି ଯେ ଆବେଦନକାରୀମାନେ ମହମ୍ମଦ ମାର୍ଘୁବ୍ ସିଦ୍ଧିକି ଯେ କି ଜଣେ ପାକିସ୍ତାନର ନାଗରିକ ଥିଲେ ସେ ତାଙ୍କ ଠାରୁ ସମ୍ପତ୍ତିର କୌଣସି ବୈଧ ମାଲିକାନା ହାସଲ କରିଛନ୍ତି କି ? ପାକିସ୍ତାନର ନାଗରିକତା ହାସଲ କରିବା ପରେ, ଏମ୍. ଏମ୍. ସିଦ୍ଦିକି ଭାରତର ନାଗରିକ ହେବା ବଞ୍ଚିତ ହୋଇଥିଲେ ଏବଂ ଏହିପରି ତାଙ୍କ ମା 'ଙ୍କ ମୃତ୍ୟୁ ପରେ, ଭୂମିଦାରୀ ଅଧିକାର ପାଇବା ପାଇଁ ଜମି ଉପରେ ତାଙ୍କର କୌଣସି ଅଧିକାର, ମାଲିକାନା କିମ୍ବା ସ୍ୱାର୍ଥ ନଥିଲା । କାର୍ଯ୍ୟାନୁଷ୍ଠାନ ଏବଂ ପଟ୍ଟା ଅସିଦ୍ଧ ଅଟେ ।

ଏହି ପରିସ୍ଥିତିରେ, ଯେହେତୁ ବିକ୍ରେତାଙ୍କ ଠାରୁ କ୍ରେତାଙ୍କର ଏକ ଭଲ ମାଲିକାନା ହୋଇପାରିବ ନାହିଁ, ତେଣୁ ଆବେଦନକାରୀମାନେ ମହମ୍ମଦ ମାର୍ଘୁବ୍ ସିଦ୍ଦିକିଙ୍କ ଦ୍ୱାରା କରାଯାଇଥିବା ବିକ୍ରୟ ଆଧାରରେ କୌଣସି ମାଲିକାନା ହାସଲ କରିପାରିବେ ନାହିଁ ।

ତଦନୁସାରେ ଆବେଦନକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ରହିବ ନାହିଁ ।

ଟି. ଏନ୍. ଏ. ଆବେଦନ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।